### ସମବେତ କଣ୍ଠରେ 'ବନ୍ଦେ ଉତ୍କଳ ଜନନୀ' ଗାନ

# 'ଭାଷା ଗୋଟିଏ ଜାତିର ଅସ୍ମିତାର ପହିଲି ନିଦର୍ଶନ'

କେନ୍ଦ୍ରାପଡ଼ା,୩।୨(ସମିସ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଶୁଭ ଉଦ୍‌ଘାଟନ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶନିବାର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ସମବେତ କଣ୍ଠରେ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଛି। ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲାପାଳ କହିଥିଲେ, ଭାଷା ଗୋଟିଏ ଜାତିର ଅସ୍ମିତାର ପହିଲି ନିଦର୍ଶନ। ତେଣୁ ଏହାର ସୁରକ୍ଷା ଓ ପ୍ରଚାର ପ୍ରସାରର ଦାୟିତ୍ୱ ଆମ୍ଭମାନଙ୍କର। ଏହି ମହାର୍ଘ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ



ସତ୍ୟଭାମା ସେଠୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ର ଶେଖର ମହାରଣା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଦଲାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଡେପୁଟି କଲେକ୍ଟର କୁଇନି ଜେନା, ପଲ୍ଲବୀ ପାତ୍ର, ପଲ୍ଲବୀ ପ୍ରିୟଦର୍ଶିନୀ, ସୁମନ ଘୋଷ, ଯୀଶୁକୃଷ୍ଣ ଦାସ, ଶୁଭଶ୍ରୀ ଜେନା, ଡିଆଇପିଆର୍‌ଓ ଆଲୋକ କୁମାର ମହାନ୍ତି, ଏସ୍‌ଡିଆଇପିଆର୍‌ଓ ଅଶୋକ ବଳିଆରସିଂହ, ଜିଲ୍ଲା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସ୍ୱଳ୍ପ ସଂଚୟ ଅଧିକାରୀ ଅମ୍ବରୀଶ ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକ୍ରମେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଭାଷା ବିପ୍ଳବ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟକୁ ଶକ୍ତିଶାଳୀ ଓ ଋଦ୍ଧିମନ୍ତ କରିବ। ଅନ୍ୟଥା ଭାଷା ଦୁର୍ବଳ ହେଲେ ଆମ ଗୌରବମୟ ସଂସ୍କୃତି ଓ ପରମ୍ପରା ପରମ୍ପରା ଦିଗହରା ହୋଇପଡିବାର ଆଶଙ୍କା ରହିଛି ବୋଲି ପଟ୍ଟାମୁଣ୍ଡାଇ



ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ଓଡ଼ିଆ ସମ୍ମିଳନୀରେ ଯୋଗ ଦେଇ ଅତିଥିମାନେ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଶିଷ୍ଟ କବି ଶିକ୍ଷାବିତ ସଚିତ୍ର ବେହୁରା ମୁଖ୍ୟବକ୍ତା, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅଧ୍ୟାପକ ନାଟ୍ୟକାର ଗୋଲକ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷାର ସୁରକ୍ଷା ପ୍ରଚାର ପ୍ରସାର ପାଇଁ ସବୁସ୍ତରରେ ଉଦ୍ୟମ କରାଯିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପ୍ରଧାନ ସ୍ୱାଗତ ଭାଷଣ ଦେଇ ଦେଇଥିଲେ। ଅଧ୍ୟାପକ ବିରଜାନନ୍ଦ ମହାନ୍ତି, କବି ବ୍ରଜବନ୍ଧୁ ଦାଶ, କବି ଆଡ଼ଭୋକେଟ ରାମକୃଷ୍ଣ ଦାଶ, କବି ମନୋଜ ଶତପଥୀ, କବି ଇଂ ତପନ ପାତ୍ର କବି ଗୌରାଙ୍ଗ ମହାନ୍ତି, ଲେଖକ ମାନଗୋବିନ୍ଦ ସ୍ୱାଇଁ ଓ ଯୁବ ସମାଜସେବୀ କିଶୋର ସ୍ୱାଇଁ ଦେବାଶିଷ ପ୍ରଧାନ ପ୍ରମୁଖ ଓଡ଼ିଆ ଭାଷାର ସୁରକ୍ଷା ପ୍ରଚାର ପ୍ରସାର ଉପରେ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ।

**ରାଜକନିକା:** ରାଜକନିକା ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ପୃଥ୍ୱୀରାଜ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକର ୨୯ ପଞ୍ଚାୟତର ଏକାଧିକ କବି ଓ କବୟିତ୍ରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ସମ୍ମାନୀତ କରାଯାଇଛି। ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ରାଜ୍ୟ ସରକାରଙ୍କର ଏହି ପଦକ୍ଷପକୁ ବିଭିନ୍ନ ମହଲରୁ ପ୍ରଶଂଶା କରାଯାଇଛି।

**ରାଜନଗର:** ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଓଡିଆ ଭାଷାର ଅସ୍ତିତ୍ୱ ଓ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନର ଆମନ୍ତ୍ରଣ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ତହସିଲଦାର ଅଜୟ କୁମାର ମହାନ୍ତି, ସିଡିପିଓ ସନ୍ତୋଷିନୀ ଭୋଇ, ଅଧ୍ୟାପିକା ଭଗବତୀ ରାଉତ ଏବଂ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ବିଡିଓ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ। ସମବେତ ଭାବେ 'ବନ୍ଦେ ଉତ୍କଳ ଜନନୀ' ଗାନ ସହ ବରିଷ୍ଠ କଥାକାର ପ୍ରଦୀପ ନାୟକଙ୍କ ସଂଯୋଜନାରେ ଭାଷା ସାହିତ୍ୟର ଭବିଷ୍ୟତ ଉପରେ ଶରତ ଚନ୍ଦ୍ର ମହାପାତ୍ର, କବି ଅଭିରାମ ସାହୁ, ଗାଳ୍ପିକ ରତ୍ନାକର ନାୟକ ଆଲୋଚନା କରିଥିଲେ। ଏଥି ସହିତ କବିତା ପାଠୋତ୍ସବ ପର୍ଯ୍ୟାୟରେ କବି ପ୍ରମୋଦ କୁମାର ସେଠୀ, କନକଲତା



ନାୟକ, ପବିତ୍ର ବ୍ରହ୍ମପୁତ୍ର ନାୟକ, କ୍ଷୀରୋଦ କୁମାର ମଲ୍ଲିକ, ସୀତାକାନ୍ତ ରାଉଳ, ଭାଗବତ ପ୍ରଧାନ, ସୁଶାନ୍ତ କୁମାର ଦାଶ,ନିରଞ୍ଜନ ଶତପଥୀ,ବିମଳା ସେଣ,ବରଦାକାନ୍ତ ଜେନା, କବିତା ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କବିଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମହାକାଳପଡ଼ା:** ମହାକାଳପଡ଼ା ପଞ୍ଚାୟତ ସମିତି ସଭାଗୃହରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ବିଜୟ ଶୁକ୍ଳା, ନାଟ୍ୟକାର ଅଂଶୁମାନ ରାଉତ, ଗାଳ୍ପିକ ଦିବାକର ସାହୁ, ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜିକା ସମ୍ପନ୍ନା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାଲା, ସଂକୀର୍ତ୍ତନ, ଭଜନ ପ୍ରଭୃତିର ଶତାଧିକ କଳାକାର ଏବଂ ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ପରିସରରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଜନସାଧାରଣ ଆଭାସି ଜରିଆରେ ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ସହିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିକାଶ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟାଂଶୁ କର, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ବ୍ଲକ ମୁଖ୍ୟ ଲିପିକ ପୂର୍ଣ୍ଣଚନ୍ଦ୍ର ସାହୁ, ହିସାବ ରକ୍ଷକ ବିଷ୍ଣୁ ମହାନ୍ତି, ସମିତି ସଭ୍ୟ ଭାରତୀ କାନୁନଗୋ, ସୁନତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଲାସା ହେମ୍ବ୍ରମ, ବିଜ୍ଞାନ ସେନାପତି, ସୌଭାଗ୍ୟ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ପୁସ୍ତକ ବ୍ୟବସାୟୀ ପ୍ରଦୀପ୍ତ ରଥ ଙ୍କ ଦ୍ୱାରା ବହୁ ପୁରାତନ ଓଡ଼ିଆ ପୁସ୍ତକ ପ୍ରଦର୍ଶିତହୋଇଥିଲା। ବିଶିଷ୍ଟ ପାଲା ଗାୟିକା ସ୍ୱର୍ଣପ୍ରଭା ଲେଙ୍କାଙ୍କ ଟିମ ଦ୍ୱାରା ଭାଷା ସଂସ୍କୃତି ଭିତ୍ତିକ ପାଲା ପରିବେଷଣ କରାଯାଇ ବିଦ୍ୟାଳୟ ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବଛାରାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଛବିଲତା ସେଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ସଂଗୀତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

## କିନ୍ନରଙ୍କୁ ବନ୍ଧୁକ ଦେଖାଇ ଟଙ୍କା, ମୋବାଇଲ ଲୁଟ୍

**କେନ୍ଦ୍ରାପଡ଼ା,୩।୨(ସମିସ):** ରାସ୍ତାରେ ଛିଡ଼ା ହୋଇଥିବା ଜଣେ କିନ୍ନରଙ୍କୁ ବନ୍ଧୁକ ଦେଖାଇ ୧୧ ହଜାର ଟଙ୍କା ଏବଂ ଏକ ଦାମୀ ମୋବାଇଲ ଛଡାଇ ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ତୁଳସୀକ୍ଷେତ୍ର କିନ୍ନର ମହାସଂଘର ସଦସ୍ୟା ରାନୀ ଗୌଡା (୧୯) ଶୁକ୍ରବାର ବିଳମ୍ବିତ ରାତିରେ ଜାତୀୟ ରାଜପଥ ଆଲ୍‌ଫା ବେଷ୍ଟ କଲେଜ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କ ନିକଟରେ ପହଞ୍ଚିଥିଲେ। ରାନୀଙ୍କୁ ସେମାନଙ୍କ ସାଙ୍ଗରେ ଯିବାକୁ କହିଥିଲେ। ହେଲେ ରାନୀ ବିରୋଧ କରିବାରୁ ତାଙ୍କୁ ରାସ୍ତା ପାଶ୍ୱର୍କୁ ଭିଡିନେଇ ମାରଧର କରିବା ସହ ଜଣେ ଯୁବକ ପକେଟ୍‌ରୁ ବନ୍ଧୁକ ବାହାର କରି ତାଙ୍କ ମୁଣ୍ଡରେ ଲଗାଇଥିଲେ। ଏହି ସମୟରେ ଅନ୍ୟଜଣେ ଅଭିଯୁକ୍ତ ଏକ ଧାରୁଆ ଛୁରୀ ତାଙ୍କ ବେକରେ ଲଗାଇ ପର୍ସ ନେଇ ଫେରାର ହୋଇଯାଇଥିଲେ। ସେହି ପର୍ସରେ ରାନୀଙ୍କ ୧୧ ହଜାର ଟଙ୍କା ଏବଂ ଏକ ଦାମୀ ମୋବାଇଲ ଥିଲା। ଆହତ ରାନୀ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରୁ ଚିକିତ୍ସିତ ହୋଇ ଫେରିବା ପରେ ତାଙ୍କ ନମ୍ବରରେ କଲ୍ କରିଥିଲେ। ସେପଟୁ ଜଣେ କଲ ରିସିଭ କରିବାରୁ ରାନୀ ତାଙ୍କୁ ମୋବାଇଲ ଫେରାଇ ଦେବାକୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଫେରାଇବାକୁ ଆସିଥିବା ବେଳେ ରାନୀ ୧୧୨ରେ ପୁଲିସକୁ ଫୋନ କରି ଜଣାଇଥିଲେ। ପୁଲିସ ପହଞ୍ଚି ଅଭିଯୁକ୍ତ ପ୍ରମୋଦ ମଲ୍ଲିକଙ୍କୁ କାବୁ କରି ଥାନାରେ ଅଟକ ରଖିଛି।

## ପତ୍ନୀଙ୍କ ସମ୍ପତ୍ତି ହଡ଼ପ ପାଇଁ ଅଶ୍ଳୀଳ ଭିଡ଼ିଓ ଭାଇରଲ ଅଭିଯୋଗ

**କେନ୍ଦ୍ରାପଡ଼ା,୩।୨(ସମିସ):** ପତ୍ନୀଙ୍କ ସମ୍ପତ୍ତି ହଡ଼ପ କରିବାକୁ ସ୍ୱାମୀ ବିଭିନ୍ନ ନାଟକ ରଚିଛନ୍ତି। ପତ୍ନୀଙ୍କ ଅଜାଣତରେ ଗାଧୋଇବା ବେଳର ଭିଡ଼ିଓ ରେକର୍ଡିଂ କରି ଭାଇରଲ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। କେବଳ ଅଶ୍ଳୀଳ ଭିଡ଼ିଓ ନୁହେଁ ବରଂ ପତ୍ନୀଙ୍କ ସମ୍ପତ୍ତିକୁ ଜାଲ ଦସ୍ତଖତ ବଳରେ ଲୋନ ଉଠାଇବା ଆଉ ଅନ୍ୟକୁ ବିକ୍ରି କରିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏନେଇ ପତ୍ନୀଙ୍କ ଲିଖିତ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ପ୍ରକାଶ ଚନ୍ଦ୍ର ମଲ୍ଲ, ଉମେଶ ଶତପଥୀ, ତିଳୋତ୍ତମା ମୁଦୁଲି ଏବଂ ବରୋଦା ବ୍ୟାଙ୍କ ପରିଚାଳକଙ୍କ ସହିତ ଅନ୍ୟ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ମାର୍ଶାଘାଇ,୩।୨(ସମିସ):** ମାର୍ଶାଘାଇ ବ୍ଲକ ଆଖୁଆ-ଓଡ଼ଙ୍ଗ ଚିତ୍ରୋତ୍ପଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅଧିନସ୍ଥ 'ନୂଆ-ଓ' "ଆମ ଓଡ଼ିଶା, ନବୀନ ଓଡ଼ିଶା' ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ, ଯୋଗାଣ, ଖାଉଟୀ କଲ୍ୟାଣ, ସମବାୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସରକାର ଶିକ୍ଷାକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ "ନୂଆ-ଓ' ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ହାତକୁ ନେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ୨୫ଲକ୍ଷ ବ୍ୟୟବରାଦରେ ସ୍ମାର୍ଟ ଶ୍ରେଣୀଗୃହ ଉଦ୍‌ଘାଟନ କରିବା ସହ ଭିତ୍ତିଭୂମି ବିକାଶ ଯୋଜନା ପାଇଁ ଅଧିକ ୫୦ଲକ୍ଷ ଅନୁଦାନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସମ୍ମାନୀତ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ବ୍ଲକ ଅଧ୍ୟକ୍ଷ ମଧୁସ୍ମିତା ସାମଲ, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅଧ୍ୟାପକ ବାଉରୀବନ୍ଧୁ ପାଲ, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ନୋଡ଼ାଲ ଅଧିକାରୀ ଅଧ୍ୟାପକ ପ୍ରିୟନାଥ ମହାନ୍ତିଙ୍କ ସଂଯୋଜନା କରିଥିଲେ।

## ଆର୍ଥିକ ସାକ୍ଷରତା ଓ ସଚେତନତା ପାଇଁ ୱାକାଥନ୍




କେନ୍ଦ୍ରାପଡ଼ା,୩।୨(ସମିସ)

ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧ ବାଲାବାବା ମଠ ନିକଟରୁ ବାହାରିଥିବା ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ୍ନ ମହାନ୍ତି ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ଶୁଭାରମ୍ଭ କରିଥିଲେ। ଏହି ୱାକାଥନ୍‌ରେ ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରି ସହର ପରିକ୍ରମା କରିବା ପରେ ଜିଲ୍ଲା ସଂସ୍କୃତି ଭବନଠାରେ ପହଞ୍ଚିଥିଲେ। ସେଠାରେ ଆର୍ଥିକ ସାକ୍ଷରତା, ସାଇବର୍ ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ଚିରା ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ବିଭିନ୍ନ ପ୍ରକାର ଠକେଇ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କର୍ମଚାରୀମାନେ ଲୋକଙ୍କୁ ବୁଝାଇଥିଲେ। ଆର୍‌ବିଆଇର ଏକୀକୃତ ଲୋକପାଳ ଯୋଜନା ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆର୍‌ବିଆଇର ଉପ-ମହାପ୍ରବନ୍ଧକ ଶଶାଙ୍କ ମହାନ୍ତି, ଆର୍‌ବିଆଇର ସହାୟକ ମହା ପ୍ରବନ୍ଧକ ଶିବୁ ପ୍ରସାଦ ମିଶ୍ର, ଆର୍‌ବିଆଇର ସହାୟକ ପ୍ରବନ୍ଧକ ଦମୟନ୍ତୀ ପ୍ରଧାନ, କାନାରା ବ୍ୟାଙ୍କ ସହାୟକ ମହାପ୍ରବନ୍ଧକ ନୀରଜ କୁମାର ମିଶ୍ର, ଇଣ୍ଡିଆନ୍ ବ୍ୟାଙ୍କର ସହାୟକ ମହା ପ୍ରବନ୍ଧକ ମଳୟ ମହାନ୍ତି, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍‌ର ସହାୟକ ମହା ପ୍ରବନ୍ଧକ ଜଗବନ୍ଧୁ ପାଢୀ, ଅଗ୍ରଣୀ ଜିଲ୍ଲା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଓ ଅନେତଶ୍ରଦ୍ଧା ଟୋପ୍ପୋ, ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ମନୋଜ କୁମାର ପ୍ରଧାନୀ, ନାବାଡର୍‌ର ଡିଡିଏମ୍ ଅଶୋକ କୁମାର ଆଚାର୍ଯ୍ୟ ପ୍ରମୂଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବିମଳ ତରାଇଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମନ୍ତ୍ରୀ, ବିଧାୟକ

**ପଟ୍ଟାମୁଣ୍ଡାଇ,୩।୨(ସମିସ):** ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ କିଶୋର ତରାଇଙ୍କ ପିତା ପୂର୍ବତନ ଅବକାରୀ ନିରୀକ୍ଷକ ବିମଳ ତରାଇଙ୍କୁ ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମନ୍ତ୍ରୀ, ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି। ପୂର୍ବତନ ବିଧାୟକ ଶ୍ରୀତରାଇଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ, ସ୍ୱାମୀ ଏସ୍ ଭରଦ୍ୱାଜ, ରାଜ୍ୟ ଖାଦ୍ୟଯୋଗାଣ, ଖାଉଟିକଲ୍ୟାଣ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଡ଼ ଅଲେଖ ଜେନା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ପୂର୍ବତନ ଜିଲ୍ଲା ପରିଷଦ



ଅଧ୍ୟକ୍ଷ ମାନସ ପରିଡା, କେନ୍ଦ୍ରାପଡ଼ା କ୍ରେଡିଟ କୋଅପେରାଟିଭ ବ୍ୟାଙ୍କ ସଭାପତି ପ୍ରମୋଦ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ବେହେରା, ମାନସ ରଞ୍ଜନ ସାମଲ ଓ ନିଶିକାନ୍ତ ପ୍ରଧାନ, କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ଓ ପ୍ରଦୀପ ମହାନ୍ତି, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲ୍ଲା ଯୁବବିଜେଡି ସଭାପତି ରାଜେଶ ଦାସ, କେନ୍ଦ୍ରାପଡ଼ା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ , ନଗର ବିଜେଡି ସଭାପତି ଯଯାତି ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରତିକାନ୍ତ ସାହାଣୀ ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ୧୦ ପରିବାର

**ରାଜନଗର,୩।୨(ସମିସ):** ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ୧୦ କଂଗ୍ରେସ ପରିବାର କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି। ରଙ୍ଗଣୀ ଗ୍ରାମ ପଞ୍ଚାୟତ ଭେକ୍ଟା ଗ୍ରାମର ମୀର ଅହମ୍ମଦ, ଝାଡୁ ସାହା, ଏସ୍. କେ. ନସିର, ଏନତାଜ ସାହା, ଜୈନାଲ ସାହା, ତାଜୁ ସାହା, ସମତ ଖାନ, ସିଦ୍ଦିକ ଖାନ, ଏସ୍ କେ ମୁକଲେଶ, ଅବଦୁଲା ସାହା ପ୍ରମୁଖ ୧୦ ପରିବାର କଂଗ୍ରେସ ଦଳ ପରିତ୍ୟାଗ କରି ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିଲେ। କୃଷ୍ଣନଗରଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଜିଲ୍ଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ପଂଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ରଙ୍ଗଣୀ ପଞ୍ଚାୟତ ସଭାପତି ବଳରାମ ମଣ୍ଡଳ, ସମିତିସଭ୍ୟ ତପନ କୁମାର ସାହୁ, ବିଜୟ କୁମାର ନାୟକ, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଳ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



### ସହିଦ୍ ପ୍ରଭାତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କନିକା ଇଲେଭେନ୍ ଷ୍ଟାର ଚାମ୍ପିଅନ

ରାଜକନିକା,୩।୨(ସମିସ)

ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଅନନ୍ତପୁର ମା' ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୭ତମ ସହିଦ୍ ପ୍ରଭାତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ କନିକା ଇଲେଭେନ ଷ୍ଟାର ରାଜକନିକା ବନାମ ଜେଏସ୍‌ସିସି ଜାଗୁଲାଇପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନିକା ଇଲେଭେନ ୧୨୪ ରନରେ ଜିତି ଚାମ୍ପିଅନ୍ ଟାଇଟଲ୍ ହାସଲ କରିଛି। କନିକା ଇଲେଭେନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୨୫୪ ରନ କରିଥିଲା। ଜାଗୁଲାଇପଡା ୨୦ ଓଭରରେ ୮ ୱିକେଟ ହରାଇ ୧୩୦ ରନ୍ କରି ପରାଜୟ ବରଣ କରିଛି।



ମୁଖ୍ୟ ଅତିଥି ଭାବେ ସାଲେପୁର ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଡାକ୍ତର ନିଧି ଗର୍ଗ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଉପ-ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମାଜସେବୀ ନରେଶ ମହାନ୍ତି, ସିନେ ତାରକା ସୁପ୍ରିୟା ନାୟକ ଓ ସହିଦଙ୍କ ମା' ବାସନ୍ତୀ ବେହେରା ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଜେତା ଦଳର ବିଶ୍ୱଜିତ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଉପବିଜେତା ଦଳର ମିଞ୍ଚୀଙ୍କୁ ଶ୍ରେଷ୍ଠ ବୋଲର ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବେନ୍ଦ୍ର ପ୍ରଧାନ ଓ ବିକ୍ରମ ନାୟକ ଖେଳ ପରିଚାଳନା କରିଥିବାବେଳେ ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ଦନ୍ତା ଆକ୍ରମଣରେ ଯୁବକ ମୃତ

**ଢେଙ୍କାନାଳ, ୩।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ରେଞ୍ଜର ନେଉଳପୋଇ ପଞ୍ଚାୟତ ଅନ୍ତର୍ଗତ ବିରିଖୁଣ୍ଟି ଗ୍ରାମରେ ହାତୀ ଆକ୍ରମଣରେ ଜନୈକ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। ବିରିଖୁଣ୍ଟି ଗ୍ରାମର ବିପିନି ମହାନ୍ତି (୫୨) ଏକ ସ୍କୁଟି ଯୋଗେ ନିଜ କାର୍ଯ୍ୟସାରି ନେଉଳପୋଇ ଗ୍ରାମର ଥିବା ନିଜ ଘରକୁ ଯାଉଥିବା ବେଳେ ନେଉଳପୋଇ ରାସ୍ତା ନିକଟରେ ଏକ ନରହନ୍ତା ଦନ୍ତାହତୀ ସହ ମୁହାଁମୁହିଁ ହୋଇଥିଲା। ଏହି ଦନ୍ତା ହାତୀଟି ବିପିନି ମହାନ୍ତିଙ୍କୁ ଟେକି କଚାଡ଼ିଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପିଡିଛି। ଏହି ଖବର ଗ୍ରାମରେ ପ୍ରସାରିତ ହେବା ପରେ ଗ୍ରାମବାସୀ ନିଆଁ ଜଳାଇ ରାସ୍ତା ଅବରୋଧ କରିଥିବାର ଜଣାପଡ଼ିଛି। ମୃତ ବିପିନଙ୍କ ବାପାଙ୍କ ନାମ ଲମ୍ବୋଦର ମହାନ୍ତି ବୋଲି ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ମୃତ

**କାମାକ୍ଷାନଗର, ୩।୨ (ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ନିକଟସ୍ଥିତ ସରାଙ୍ଗ ବ୍ରାହ୍ମଣୀ ବ୍ରିଜ ସୁରକ୍ଷା ବାଡ଼ରେ ଦୁର୍ଘଟଣା ଘଟି ଜନୈକ ମୋଟର ସାଇକଲ ଚାଳକର ଶୋଚନୀୟ ମୃତ୍ୟୁ ଘଟିଛି। ତାଳଚେର ବଡ଼ସିଂହଡା ଗ୍ରାମର ପ୍ରଭାତ କିଶୋର ବେହେରା ଏକ ପଲସର ମୋଟର ସାଇକଲ ଯୋଗେ କୌଣସି କାର୍ଯ୍ୟରେ ପରଜଙ୍ଗ ଅଞ୍ଚଳକୁ ଆସିଥିଲେ। ସେ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ୫୩ ନଂ ଜାତୀୟ ରାଜପଥର ସରାଙ୍ଗ ବ୍ରିଜ ନିକଟରେ ଥିବା ସୁରକ୍ଷା ବାଡ଼ରେ ତାଙ୍କ ମୋଟର ସାଇକେଲ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରଭାତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରଜଙ୍ଗ ପୋଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଗଁଦିଆ, ୩।୨ (ସମିସ):** 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଗଁଦିଆ ବ୍ଲକର ମଦାର ଗ୍ରାମପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସବିତା ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସଦର ବିଧାୟକ ସୁଧୀର କୁମାର ସାମଲ ଯୋଗଦାନ କରି ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଢେଙ୍କାନାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଗଁଦିଆ ବ୍ଲକ ବିଜେଡି ଏସି ମୋର୍ଚ୍ଚା ସଭାପତି ଦୁଷ୍ମନ୍ତ କୁମାର ମଲିକ, ପୋରୁହଖୋଜା ଗ୍ରାମପଞ୍ଚାୟତର ସମିତି ସଭ୍ୟ ବଳରାମ ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗଁଦିଆ ବ୍ଲକର ନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ ପରିଚାଳନା କରିଥିଲେ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ସଜବାଜ

**କାମାକ୍ଷାନଗର, ୩।୨ ସମିସ):** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଓଡ଼ିଆ ସାହିତ୍ୟର ସୁନାମଧନ୍ୟ ସ୍ରଷ୍ଟା ମଧୁସୂଦନଙ୍କ ଠାରୁ ଆରମ୍ଭ କରିକୁନ୍ତଳା କୁମାରୀ ସାବତ, ପଣ୍ଡିତ ନୀଳକଣ୍ଠ ଦାସ, ପ୍ରତିଭାରାୟଙ୍କ କଳାକୃତି ଅଙ୍କନ କରାଯିବା ସହ ଓଡ଼ିଆ ସାହିତ୍ୟ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ସୂଚନା ଦିଆଯାଇଛି। ଏନେଇ କାମାକ୍ଷାନଗର ଏନଏସିର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ଏନଏସି କାର୍ଯ୍ୟାଳୟଠାରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରି ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଭିନ୍ନ ୱାର୍ଡର କାଉନସିଲର ଅଂଶଗ୍ରହଣ ଦେଇଥିଲେ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଢେଙ୍କାନାଳ, ୩।୨ (ସମିସ)**

ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ପଞ୍ଚସଖାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ପୁଷ୍ପ, ଚନ୍ଦନ, ଧୂପ, ଦୀପ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟରେ ଡ୍ରଇଁ, କୁଇଜ୍ ଓ ଡିବେଟ୍ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପିଲାମାନେ ଓଡ଼ିଶାର ଭାଷା, କଳା, ସାହିତ୍ୟ, ସଂସ୍କୃତି, ନୃତ୍ୟ, ପରମ୍ପରାକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନୀ କରି ପୁରସ୍କୃତ ହୋଇଥିଲେ। ଏହି ସମ୍ମିଳନୀରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଉଷାରାମୀ ଦାଶ, ମୋ ସ୍କୁଲ୍ ଅଭିଯାନର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପରିଚାଳନା କମିଟିର ସଭାନେତ୍ରୀ କୁର୍ସିଦା ବେଗମ୍, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ମିଳିତ ଭାବରେ ଉତ୍କଳ ବନ୍ଦନା ଗାନ କରିବା ସହିତ ଶପଥ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରାନୁ ଦାସ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଉର୍ମିଳା କରଙ୍କୁ



ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କନ୍ୟା କୁମାରୀ ଭୂତିଆ, ପ୍ରଶାନ୍ତ କୁମାର ସାହୁ, ସାଗରିକା ପଣ୍ଡା, ଉପାସନା ନାଥ ଶର୍ମା, ମାମାଲି ମିଶ୍ର, ଲିପିକା ନାୟକ, ରାନୁ ଦାସ, ବବିତା ସାହୁ, ପ୍ରଣତି ପତି, ଦୁଷ୍ମନ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ଜେନା, ସୋନାଲି ସାହୁ ଓ ବର୍ଷାରାଣୀ ସାହୁ, ସୁଜିତ ଦାସ, ଜିତେନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**କାମାକ୍ଷାନଗର ୩।୨ ( ସମିସ )**



**ଯାତାୟାତ କରିପାରିବେ ୧୫ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ**

ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କିଳି ଗ୍ରାମଠାରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଏକ ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ ରାସ୍ତାର ଭିତ୍ତିପ୍ରସ୍ତର ଉଦଘାଟନ କରିଛନ୍ତି। କଙ୍କିଳି ଠାରୁ ପଥରଖମ୍ବ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଏହି ୬.୫୮ କିଲୋମିଟର ରାସ୍ତା ଟି ୬୬୪.୬୬ ଟଙ୍କାର ବ୍ୟୟ ଅଟକଳ ରେ ନିର୍ମିତ କରାଯିବ। ଏହି ରାସ୍ତା ଉପରେ ନିର୍ଭର କରୁଥିବା କଙ୍କିଳି, ପଥରଖମ୍ବ, କାମର୍ଦ୍ଦା, ସାଆନ୍ଦା ଇତ୍ୟାଦି ବିଭିନ୍ନ ଗ୍ରାମର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସୁବିଧାରେ ଗମନାଗମନ କରିପାରିବେ। ଏହି ରାସ୍ତା ଭିତ୍ତିପ୍ରସ୍ତର ନିମନ୍ତେ ସ୍ଥାନୀୟ ଅଞ୍ଚଳ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁ ଙ୍କୁ କୃତଜ୍ଞତା ଜଣାଇଛନ୍ତ। ଏହି ଅବସରରେ ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ନିରାକାର ପ୍ରଧାନ, କଙ୍କିଳି ସରପଞ୍ଚ ମକରଚାନ୍ଦ ସାହୁ, ସମିତିସଭ୍ୟ ମମତାପାଣି ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀମାନେ ଯୋଗଦେଇଥିଲେ। ଗ୍ରାମ୍ୟଉନ୍ନୟନ ବିଭାଗ ର ଅଧିକ୍ଷଣଯନ୍ତ୍ରୀ ଶିବଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ

**ଢେଙ୍କାନାଳ, ୩।୨ (ସମିସ):** ଓଡାପଡ଼ା ବ୍ଲକ ଅନ୍ତର୍ଗତ ଓଡାପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ଓଡିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ ପ୍ରଥମ ଓଡିଆ ଭାଷା ସମ୍ମିଳନୀରେ ଓଡାପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ସୁଭଦ୍ରା ସାହୁ ପୌରୋହିତ୍ୟ କରିଥିଲେ। ଏହି ସମ୍ମିଳନୀ ପ୍ରାରମ୍ଭରେ ଓଡାପଡ଼ା ପଞ୍ଚାୟତର ଗ୍ରାମରୋଜଗାର ସେବିକା ପ୍ରିୟମ୍ବଦା ସାମଲ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଭାଷା ସମ୍ମିଳନୀରେ ଓଡାପଡ଼ା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଛାୟାକାନ୍ତ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଓଡିଆ ଭାଷାର ମହତ୍ୱ, ଓଡିଆ କବିମାନଙ୍କର ଗାଥାବଳୀ ଗୁଡିକର ସ୍ମରଣ କରିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ତଥା ଓଡାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ଯୋଗଦେଇଥିଲେ। ଏହି ବିଶ୍ୱ ଓଡିଆ ଭାଷା ସମ୍ମିଳନୀରେ ଭାଷାବିତ୍ ଦୁର୍ଗା ଚରଣ ରାଉତ, ଛାୟାକାନ୍ତ ନାୟକ ଓ ଓଡାପଡ଼ା ବ୍ଲକର ଯନ୍ତ୍ରୀ ମିତାଞ୍ଜଳି ଦାସଙ୍କୁ ସରପଞ୍ଚ ସୁଭଦ୍ରା ସାହୁ ସମ୍ବର୍ଦ୍ଧିତ କରିଥିଲେ। ପରିବେଶରେ ଓଡାପଡ଼ା ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଓଡାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଓଡାପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଭଦ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଅସହାୟକୁ ସାହାଯ୍ୟର ହାତ ବଢ଼ାଇଲା 'ୟୁ ସେ' ଅନୁଷ୍ଠାନ

**କାମାକ୍ଷାନଗର ୩।୨ ( ସମିସ )**

ପରଜଙ୍ଗ ବ୍ଲକ କନ୍ତୋର ପଞ୍ଚାୟତ ୟୁପି ସ୍କୁଲ୍ ସାହିର ମଦନ ନାଏକଙ୍କ ପୁଅ ଦିଲୀପ ନାଏକ ( ୨୨) ଏବେ ଅସହାୟ ଅବସ୍ଥାରେ ପଡ଼ି ରହିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏହି ଖବର ପାଇ ସାହାଯ୍ୟର ହାତ ବଢ଼ାଇଛି ୟୁଥ ୟୁନିଟେଡ ସନଷ୍ଟେ ବ୍ଲ୍ୟୁ ଏନଭାରମେଣ୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଦିଲୀପ ଜଣେ ଦିନ ମଜୁରୀଆ ଭାବେ କାମ କରୁଥିଲେ। ସେ କାର୍ଯ୍ୟ ସାରି ଏକ ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ବାମ ଗୋଡ଼ ଭାଙ୍ଗିଯାଇଛି। ଅର୍ଥ ଅଭାବରୁ ୯ ମାସ ହେବ ସେ ଶର୍ଯ୍ୟାଶାୟୀ ହୋଇ ପଡ଼ିରହିଥିଲେ। ପରିବାର ପ୍ରତିପୋଷଣ କରିବା ନିମନ୍ତେ କଷ୍ଟକର ହୋଇପଡ଼ିଥିଲା। ସ୍ତ୍ରୀ ଓ ଦଶମାସର ଶିଶୁ କନ୍ୟାର ପରିବାର ଚଳିବାରେ ବହୁତ କଷ୍ଟକର ହୋଇ ପଡ଼ିଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶିକା ପୂଜାରାଣୀ ଭୁକ୍ତା ଖବର ପାଇ ଶୁକ୍ରବାର ଅସହାୟଙ୍କ ଘରେ ପହଞ୍ଚି ଶୁଖିଲା ଖାଦ୍ୟ ସାମଗ୍ରୀ ଓ ଚିକିତ୍ସା ନିମନ୍ତେ ସହାୟତା ଅର୍ଥରାଶି ପ୍ରଦାନ କରିଛନ୍ତି। ପରଜଙ୍ଗ ବ୍ଲକର ଯୁବ ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା, ଦିତିକୃଷ୍ଣ ନାଏକ ମଧ୍ୟ ଉପସ୍ଥିତ ରହିଥିଲେ। ଦୀଲିପଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ନିବେଦନ କରାଯାଇଛି।

# ପେନ୍‌ସନ୍ ଦାବିରେ ଓଷ୍ଟାର ଆନ୍ଦୋଳନ




**ଢେଙ୍କାନାଳ, ୩।୨ (ସମିସ):** ଢେଙ୍କାନାଳ ଜିଲ୍ଲାରେ ଥିବା ବିଭିନ୍ନ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ୍‌ରେ କାର୍ଯ୍ୟ କରୁଥିବା ଶିକ୍ଷକ କର୍ମଚାରୀଙ୍କ ପେନ୍ସନ୍ ଆଦି ଦାବିକୁ ନେଇ ଏକ ଶୋଭାଯାତ୍ରା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ବାଜି ଚୌକଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଜିଲ୍ଲା ଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ବିଭୁତି ସାମଲ ଉପସ୍ଥିତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଚାଲୁରହିବ ବୋଲି କହିଥିଲେ। ଭୁବନେଶ୍ୱରରେ ୭ ଫେବୃଆରୀରେ ହେବାକୁ ଥିବା ଐତିହାସିକ ରାଲି ଏବଂ ଅହୋରାତ୍ର ଆନ୍ଦୋଳନରେ ବିପୁଳ ସଂଖ୍ୟାରେ ଜିଲ୍ଲାରୁ ଯୋଗଦେଇ ସଫଳତାର ସ୍ତରକୁ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲାର ପ୍ରାକ୍ତନ ସମ୍ପାଦକ ଦୁର୍ଗାଚରଣ ମହାପାତ୍ର , ରାଜ୍ୟ ଓଷ୍ଟା ସଂଘର ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ତୃପ୍ତିମୟୀ ସାହୁ, ଗତା ବରାଳ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସସ୍ମିତା ରାଉତ, ଅଞ୍ଜନା ମିଶ୍ରଙ୍କ ସମେତ ଅନେକ ଶିକ୍ଷୟିତ୍ରୀ ରାଲିର ଆଗରେ ରହି ଆନ୍ଦୋଳନକୁ ବ୍ୟାପକ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ସଚିବ ଏବଂ ଗଣଶିକ୍ଷା ସଚିବଙ୍କୁ ୧୨ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଥିଲା। କାମାକ୍ଷାନଗର ବ୍ଲକ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସ ପ୍ରତିଯୋଗିତା

## ଅମୀୟ ଚାନ୍ଦ ଘୋଷକ ମନୋନୀତ



**ଢେଙ୍କାନାଳ, ୩।୨ (ସମିସ):** ମହାରାଷ୍ଟ୍ର ଆଥଲେଟିକ୍ ଆସୋସିଏସନ୍ ଓ ମାଷ୍ଟର୍ସ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଉଦୟମରେ ଚଳିତ ମାସ ୧୦ ରୁ ୧୭ ପର୍ଯ୍ୟନ୍ତ ପୁନେର ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମ୍ ଠାରେ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଦେଶର ୨୮ ଟି ରାଜ୍ୟରୁ ବିଭିନ୍ନ ବର୍ଗ ବୟସର ୩ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଆଥଲେଟ୍ସ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ବହୁ ପୂର୍ବତନ ଜାତୀୟ, ଆନ୍ତର୍ଜାତୀୟ ଆଥଲେଟ୍ସ ତଥା ଅଲିମ୍ପିଆନ୍ ଆଥଲେଟଙ୍କ ସହ କଡ଼ା ପ୍ରତିଯୋଗିତା ହେବ। ଏହି ଜାତୀୟ ପ୍ରତିଯୋଗିତା ୫ ଦିନ ଧରି ଚାଲିବ ଓ ଏହାର ଘୋଷଣା କାର୍ଯ୍ୟକ୍ରମକୁ ଓଡିଆର ବରିଷ୍ଠ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମୀୟ କୁମାର ଚାନ୍ଦ ପରିଚାଳନା କରିବା ପାଇଁ ମନୋନୀତ ହୋଇଛନ୍ତି।




# ବିଦେଶୀ କୋଳି ଚାଷକୁ ନେଇ ବଢୁଛି ଉତ୍ସାହ

**କମାକ୍ଷାନଗର, ୩।୨ (ସମିସ)**



କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକର କନ୍ଧରା ଗ୍ରାମ ମାଟିରେ ବିଦେଶୀ କୋଳିକୁ ନେଇ ବେଶ ଉତ୍ସାହ ଦେଖାଦେଇଛି। ଚାଷକରି ଭଲ ରୋଜଗାର କରୁଛନ୍ତି କନ୍ଧରା ଗାଁରେ ଯୁବଚାଷୀ ଅଜିତ କୁମାର ମହାନ୍ତ। ପୂର୍ବରୁ ଥାଇଲାଣ୍ଡରୁ ଭଳିକି ଭଳି କୋଳିଚାଷ କରି ବେଶ ସଫଳତା ହାସଲ କରି ଭଲ ରୋଜଗାର କରି ଅନ୍ୟମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ବାହାର ରାଜ୍ୟରେ ରହି ଏକ ଘରୋଇ କମ୍ପାନୀରେ ଅଜିତ ଉଚ୍ଚପଦସ୍ଥ ଚାକିରି କରିଥିଲେ। ଯାହା ତାଙ୍କୁ ଆତ୍ମସନ୍ତୋଷ ଦେଇନଥିଲା। ନିଜସ୍ୱ ଉଦ୍ୟମରେ ଜନ୍ମମାଟିରେ ରହି ଏଭଳି କିଛି ଚାଷ କରିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ଏହି ଚାଷରେ ଏବେ ସେ ସଫଳ ହୋଇଛନ୍ତି। ରାତି ପାହିଲେ ତାଙ୍କ ଚାଷ ଜମିରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଛି। ସ୍ଥାନୀୟ ଅଞ୍ଚଳରେ ଏହି ଫଳ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବା ବେଳେ ତାଙ୍କଠାରୁ ବୁଝି ନେଉଛନ୍ତି। ଚାଷ ବିଷୟରେ ମଧ୍ୟ ପଚାରି ବୁଝୁଛନ୍ତି। କନ୍ଧରା ଗାଁରେ ପ୍ରାୟ ୫୦ ଏକର ଜାଗାରେ ଥାଇଲାଣ୍ଡ କୋଳି ସହିତ ଅନ୍ୟାନ୍ୟ ଚାଷ କରୁଛନ୍ତି। କୋଳିରୁ ଭଲ ରୋଜଗାର କରିଥିବା ଅଜିତ ନିଜେ ଚାଷ କରିବା ସହିତ ଅଞ୍ଚଳର ଯୁବକମାନଙ୍କୁ ମଧ୍ୟ ଏଭଳିଆ ଚାଷ କରିବା ପାଇଁ ଅତ୍ୟାଧୁନିକ ତାଲିମ ଦେଉଛନ୍ତି। ବିଦେଶର ପାଣିପାଗରେ ବେଶ ଭଲ ଭାବରେ ହେଉଥିବା ଏହି ଫଳ ଏବେ ଓଡ଼ିଶାରେ ବି ବେଶ ଭଲ ଭାବରେ ଫଳିଥିବା ଦେଖିବାକୁ ମିଳିଛି। ଗୋଟିଏ ଗୋଟିଏ ଗଛରୁ ପାଖାପାଖି ୩୦ରୁ ୫୦ କିଲୋ ପର୍ଯ୍ୟନ୍ତ ଏହି ଫଳ ଅମଳ ହୋଇପାରୁଛି। ବହୁତ ସୁସ୍ୱାଦ ଓ ଗୁଣବତା ଯୋଗୁ ବଜାରରେ ଏହି ଫଳର ବେଶ ଚାହିଦା ରହିଛି। ଗଛ ଲଗାଇବାର ୬ ମାସ ଭିତରେ ଏହି ଫଳ ଉତ୍ପାଦନ ଦେଉଛି। କାମାକ୍ଷାନଗର ସହକାରୀ ଜିଲ୍ଲାପାଳ ମଦନମୋହନ ଜେନା କହିଛନ୍ତି ଅଜିତ ଭଲ ଚାଷୀ ତାଙ୍କୁ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ମିଳୁଛି ଆଉ ଆଗକୁ ମଧ୍ୟ ସହାୟତା ମିଳିବ। ଉନ୍ନତ ମାନର ଚାଷକରି ଯୁବଚାଷୀ ଅଜିତ ସବୁବେଳେ ଚର୍ଚ୍ଚାରେ ରହିଥିବା ବେଳେ ଯୁବବର୍ଗଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ସମବେତ 'ବନ୍ଦେ ଉତ୍କଳ ଜନନୀ' ଗାନ

ଜଗତସିଂହପୁର, ୩।୨(ସମିସ): ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ। ଏହି ପ୍ରସଙ୍ଗକୁ ଭିତ୍ତି କରି ଶନିବାର ରାଜ୍ୟରେ ପାଳିତ ହେଉଛି ପ୍ରଥମ ବିଶ୍ୱ ଓଡିଆ



ଭାଷା ସମ୍ମିଳନୀ-୨୦୨୪। ଏହି ଅବସରରେ ପୂର୍ବାହ୍ନ ୧୧ଟାରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଅଧିକାରୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ ସମବେତ ହୋଇ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏହି ସମୟରେ ଜିଲ୍ଲାର ଜିଲ୍ଲା ପରିଷଦ, ସମସ୍ତ ବ୍ଲକ, ଗ୍ରାମ ପଞ୍ଚାୟତ ଓ ପୌରପରିଷଦସ୍ତରରେ ମଧ୍ୟ ସମବେତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

**ତିର୍ତ୍ତୋଲ:** ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଦଶମାଣକୂଳ ଅଡାପଡିସ୍ଥିତ ଶ୍ରୀ ମା ମହିଳା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷା ମେଘମାଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଶ୍ରୀ ମା' ଉଚ୍ଚ



ବାଳିକା ବିଦ୍ୟାଳୟ ଦଶମାଣକୂଳର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଡ.ଆରତୀ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ଓଡିଆ ଭାଷାର ପ୍ରସାର ଓ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ କହିଥିଲେ। ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ତଥା ଓଡିଆ ବିଭାଗ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଅଧ୍ୟକ୍ଷା ମେଘମାଳା ସ୍ୱାଇଁ ଓଡିଆ ଭାଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା ପରିଷଦଠାରେ ଜିଲ୍ଲା ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତା ରେ ଓଡ଼ିଆ ଭାଷା ସାହିତ୍ୟ ସମ୍ବର୍ଦ୍ଧନା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମବେତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କାର୍ଯକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପସଭାପତି ଜିଲ୍ଲାପରିଷଦ ସୁଜାତା ମହାନ୍ତି, ଅତିରିକ୍ତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା ଓ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ



ଥିଲେ। ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟରେ କାର୍ଯ୍ୟରତ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ସ୍ୱାଇଁ, ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ନାଟ୍ୟକାର କୈଳାଶ ଚନ୍ଦ୍ର ମଲ୍ଲିକ, ଗାଳ୍ପିକା ଅଧ୍ୟାପିକା ସବିତା ମହାନ୍ତି, ଗାଳ୍ପିକ ଦେବେନ୍ଦ୍ର ମହାନ୍ତି, ଓଡ଼ିଆ ଅଧ୍ୟାପିକା ବେବିନା ଦାସ, ଅଧ୍ୟାପକ ଯତୀନ୍ଦ୍ର କୁମାର ପରମାଣିକ, କବୟିତ୍ରୀ ଜୟନ୍ତୀ ଗାଳ୍ପିକା ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ପାରାଦୀପ:** ପାରାଦୀପ ପୌର ପାଳିକା ପକ୍ଷରୁ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପୌରପାଳିକା ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାହିତ୍ୟିକ ହାରାମଣି ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାଧ୍ୟାପକ, କବି ତଥା ସାହିତ୍ୟିକ ଡଃ ସନ୍ତୋଷ କୁମାର ସାମଲ ଯୋଗ ଦେଇଥିଲେ। ଅତିଥିଭାବେ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଉପାଧ୍ୟକ୍ଷା ଛବିଳତା ରାଉତ ଉପସ୍ଥିତ ଥିଲେ। ତାଙ୍କ ସହିତ ପାରାଦୀପର ସାହିତ୍ୟିକ, ଲେଖକ, ଗାଳ୍ପିକ, ସମସ୍ତ ପାରିଷଦ, ସହରର ସ୍ଥାନୀୟ ମହାସଂଘର ମା'ମାନେ ଓ ପୌର ପରିଷଦ କର୍ମଚାରୀ ଉପସ୍ଥିତ ଥିଲେ। ପୌରପାଳିକା ପକ୍ଷରୁ ଓଡିଆ ଭାଷା ସାହିତ୍ୟ କୁ ସମୃଦ୍ଧ କରିଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସୁସଜ୍ଜିତ କରାଯାଇଥିଲା। ଭୁବନେଶ୍ୱରର ଜନତା ମଇଦାନରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ ଉତ୍ସବରେ ସିଧା




ପ୍ରସାରଣ ଦେଖିଥିଲେ। ୩୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ପାରାଦୀପ:** ପାରାଦୀପଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାରାଦୀପଗଡ଼ ସରପଞ୍ଚ ଯୋଗ ଦେଇଥିଲେ। ପ୍ରଥମେ ଅତିଥି, କବି ଓ ଓଡ଼ିଆ ସାହିତ୍ୟିକ ମଧୁବାବୁଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ସମୂହ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଏହାପରେ କବି ଓ କବୟିତ୍ରୀମାନଙ୍କ ଦ୍ୱାର କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ, ଏମବିକେ କଳ୍ପନା ମହାପାତ୍ର, ମୁଖ୍ୟବକ୍ତା ଭାବେ ବାବୁରାମ ଚୌଧୁରୀ ଯୋଗଦେଇଥିଲେ। ସଂଘମିତ୍ରା ସ୍ୱାଇଁ, ସୁରେଶ କୁମାର ପ୍ରଧାନ, ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ମାନପତ୍ର,




ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୩୫ ଜଣ କବି ସେମାନଙ୍କର ଓଡ଼ିଆ ଭାଷା ସମ୍ପର୍କିତ କବିତା ପାଠ କରିଥିଲେ।

**ବାଲିକୁଦା:** ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲ୍ଲା ପରିଷଦ ଜଟାଧାରୀ ଦାସ, ତଟିନା ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଭାଷା ସୁରକ୍ଷା ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଭାଷା ସାହିତ୍ୟ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ତଥା ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରସିଦ୍ଧ




ଲାଭ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ, ନାଟ୍ୟକାର ଦାମୋଦର ପ୍ରଧାନ, କବି ରମେଶ ଚନ୍ଦ୍ର ବହିରା, ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ଡ. ଅକ୍ଷୟ କୁମାର ଜେନା, ସୁମିତ୍ରା ମହାନ୍ତି ଓ ସୁନୀଲ କୁମାର ସ୍ୱାଇଁ।

**ବିରିଡି:** ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତରେ ସରପଞ୍ଚ ସୁରେନ୍ଦ୍ର ନାଥ ଶତପଥିଙ୍କ ପୌରୋହିତ୍ୟରେ ଆୟୋଜିତ ଭାଷା ସାହିତ୍ୟ କାର୍ଯ୍ୟକ୍ରମକୁ ପୀତାମ୍ବର ମହାପାତ୍ର ସଞ୍ଚାଳନା କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିଥିବାବେଳେ ଅକ୍ଷୟ କୁମାର ବ୍ରହ୍ମା ବନ୍ଦେଉତ୍କଳ ଜନନୀ ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତମ କୁମାର ଦାଶ, ସମ୍ମାନୀତ ଅତିଥି ନୀଳମଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାରେଡ଼ିଆ ପଞ୍ଚାୟତରେ ସରପଞ୍ଚ ମନୋରଞ୍ଜନ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବୁଢାପଡ଼ା ପଞ୍ଚାୟତରେ ସରପଞ୍ଚ କନକ ଲତା ବେହେରା ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ପ୍ରଶାନ୍ତ ବେହେରା, ଅଶୋକ ମହାନ୍ତି, ନିହାର ରଞ୍ଜନ ସ୍ୱାଇଁ, ପୁଷ୍ପପ୍ରକାଶ ପ୍ରଧାନ, ସନାତନ ସାହୁ, ସୁଦର୍ଶନ ବେହେରା ପ୍ରମୁଖ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନଙ୍କୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଯୁବତୀଙ୍କ ମୋବାଇଲ୍ ଝାମ୍ପିନେଲେ ଦୁର୍ବୃତ୍ତ

ପାରାଦୀପ, ୩।୨(ସମିସ): ପାରାଦୀପ ଲକ୍‌ଥାନା ଅଧିନ ଉଦୟବିହାର ନିକଟରେ ଶୁକ୍ରବାର ଦିନ ପ୍ରାୟ ୧୧ଟା ୨୦ରେ ପାରାଦୀପକୁ ବସ ଯୋଗେ ଯିବାଲାଗି ଛିଡା ହୋଇଥିବା ଜଣେ ଯୁବତୀଙ୍କ ନିକଟରୁ ଦୁର୍ବୃତ୍ତମାନେ ମୋବାଇଲ ଝାମ୍ପିନେଇ ପଳାଇଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୁଲିସ ଘଟଣାର ତଦନ୍ତ କରି ୩ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୂଷାଡିହାର ରାଜେନ ମିସ୍ତ୍ରୀ (୨୦) ଓ ଦୀପଙ୍କର ହାଲଦାର, ଅଠରବାଙ୍କୀ ଲକପଡ଼ାର ମାନସ ଦାସ ଓରଫ ବପୁ। ସେମାନଙ୍କ ନିକଟରୁ ଏକ ସ୍କୁଟି ସହ ଚୋରି ମୋବାଇଲ ଉଦ୍ଧାର କରିଛି ପୁଲିସ।

## ବାଇକ୍ ମୁହାଁମୁହିଁ; ଜଣେ ଗୁରୁତର

ବାଲିକୁଦା, ୩।୨(ସମିସ): ଜଗତସିଂହପୁର-ବାଲିକୁଦା ଜାତୀୟ ରାଜପଥର କାଠ ଗୋଲାଛକ ତାରେଣିଆ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଯୁବକ ଆହତ ହୋଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ପ୍ରଥମେ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ମଧ୍ୟାହ୍ନରେ ନାଉଗାଁ ଥାନା ମୁଗେଇ ଅଞ୍ଚଳର ୨ ଯୁବକ କାହ୍ନୁ ମଲ୍ଲିକ(୨୪) ଓ ସୁନୀଲ ମଲ୍ଲିକ(୨୨) ବାଲିକୁଦାରୁ ଜଗତସିଂହପୁର ଯାଉଥିବାବେଳେ ଏରସମା ଥାନା ଗାରିଆ ଅଞ୍ଚଳର ଯୁବକ ଅଶୋକ ଦାସ(୨୦) ଜଗତସିଂହପୁରରୁ ନିଜ ଗ୍ରାମକୁ ଫେରୁଥିଲେ। ଉଭୟଙ୍କ ବାଇକ ମୁହାଁ ମୁହିଁ ଧକ୍କା ହୋଇଥିଲା। କାହ୍ନୁଙ୍କ ଅବସ୍ଥା ଗୁରୁତର ଥିବାବେଳେ ଅଶୋକଙ୍କ ଗୋଡ କଟି ଯାଇଛି। ସୁନୀଲ ସାମାନ୍ୟ ଆହତ ହୋଇଛନ୍ତି। ବାଲିକୁଦା ପୁଲିସ ୨ଟି ବାଇକ ଜବତ କରି ତଦନ୍ତ ଚଳାଇଛି।

## ସୂଚନା ଅଧିକାର ଆଇନ ସମ୍ପର୍କିତ ତାଲିମ ଶିବିର



ଜଗତସିଂହପୁର, ୩।୨(ସମିସ): ପ୍ରଶାସନିକ ଢାଞ୍ଚାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ଦୃଢ କରିବା ନିମନ୍ତେ ରାଜ୍ୟ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ଶିବିରରେ ସୂଚନା ଅଧିକାର ଆଇନ (ଆର.ଟି.ଆଇ) ଅଧିନିୟମ, ୨୦୦୫ର ଧାରା ୪ (୧) (ଖ) ଅଧୀନରେ ବାଧ୍ୟତା ମୂଳକ ପ୍ରାବଧାନ ସଂଲଗ୍ନ ନିୟମାବଳୀ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାରଙ୍କର ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ଶ୍ରୀହର୍ଷ ପରିଛା ଆଭାସୀ ମାଧ୍ୟମରେ ଏହି ଶିବିରକୁ ପରିଚାଳନା କରିଥିଲେ।

## ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର

ନାଉଗାଁ, ୩।୨ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଠାରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ଓଡିଆ ଭାଷା ସାହିତ୍ୟ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପୁରାତନ ଅଧ୍ୟକ୍ଷ ଲଳିତ କୁମାର ଲେଙ୍କା, ସମ୍ମାନୀତ ଅତିଥିଭାବେ ଦୁର୍ଗାଚରଣ ମଲ୍ଲିକ, ଡ.ଚାଇନା ପ୍ରଧାନ, ସଂଯୋଜକ ଚୌଧୁରୀ ବିନେଶ ଦାସ ଉପସ୍ଥାପକ ସୁଦିପ କୁମାର ଦାସ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଓଡିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ବହୁମୂଲ୍ୟ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଚୈତନ୍ୟ ଚରଣ ପରିଡ଼ା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ହାଜିପୁର କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ବିରିଡି, ୩।୨(ସମିସ): ରାଜ୍ୟସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା 'ନୂଆ-ଓ' ଆନୁକୂଲ୍ୟରେ ଚାଲିଥିବା ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଶନିବାର ବିରିଡି ବ୍ଲକ ହାଜିପୁରସ୍ଥିତି ଧାନଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଦେବକଲ୍ୟାଣ ପଣ୍ଡା ସଭାପତିତ୍ୱ କରିବାସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷୀତ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖି ମା' ଓ ମାତୃଭୂମିର ରକ୍ଷା କରିବା ସହିତ ଓଡିଆ ଭାଷା ଓ ସଂସ୍କୃତିର ରକ୍ଷା କରିବା ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମହମ୍ମଦ ଆରସାଦ ରାଜା, ପୀତାମ୍ବର ପତି, ପ୍ରମୋଦ କୁମାର ମିଶ୍ର, ଭାସ୍କର ଚନ୍ଦ୍ର ସାହୁ, ଅଜିତ କୁମାର ଲେଙ୍କା ପ୍ରମୁଖ ସାମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁପ୍ରଭା ଜେନା, ସରୋଜିନୀ ବରାଳ, ତୃପ୍ତିମୟୀ ଦାଶ ପରିଚାଳନା କରିଥିବାବେଳେ ସୁଦର୍ଶନ ବେହେରା, କେଦାର ଚରଣ ଜେନା, ବିଶ୍ୱନାଥ ସେଠୀ, ରାଜେନ୍ଦ୍ର ସେଠୀ ସହାୟତା କରିଥିଲେ।

## 'ଭାସ୍କରେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ'

ଜଗତସିଂହପୁର, ୩।୨(ସମିସ): ବାଲିକୁଦା ବ୍ଲକ ତିତିରା ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଭାସ୍କରେଶ୍ୱର ମହାଦେବଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୫ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ହୃଦୟା ନନ୍ଦ ପଣ୍ଡା, ପଣ୍ଡିତ ପ୍ରମୋଦ ନନ୍ଦ, ପଣ୍ଡିତ ବିଭୁ ପ୍ରସାଦ ଶତପଥି, ପଣ୍ଡିତ ପ୍ରସନ୍ନ ଦାଶ, ପଣ୍ଡିତ ସନ୍ତୋଷ ଦାଶ, ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ, ପଣ୍ଡିତ ପ୍ରଫୁଲ୍ଲ କୁମାର ଶତପଥି, ପଣ୍ଡିତ ରବି ନାରାୟଣ ଦାଶ, ପଣ୍ଡିତ ଗୋବିନ୍ଦ ଶତପଥି, ପଣ୍ଡିତ ଦେବଦତ୍ତ ଦାଶ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ଶ୍ରଦ୍ଧାକର ଶତପଥି ପ୍ରମୁଖ ଉପସ୍ଥିତ ରହି ଯଜ୍ଞ ଓ ପୂର୍ଣ୍ଣାହୁତି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ତିତିରାର ପ୍ରମୋଦ କୁମାର ମୁଦୁଲି ଓ ତାଙ୍କ ପତ୍ନୀ ପ୍ରତିମା କର୍ତ୍ତା ଓ କର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣାହୁତି ସମୟରେ ଜଗତସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ, ଯୁବନେତା ସଞ୍ଜିବ ଏସ୍ ବିଶ୍ୱାଳ, ସତ୍ୟସାରଥି ମହାନ୍ତି, ପାରାଦୀପ ମୁନିସପାଲିଟି ଚେୟାରମ୍ୟାନ ବସନ୍ତ କୁମାର ବିଶ୍ୱାଳ, ତିର୍ତ୍ତୋଲ ଚେୟାରମ୍ୟାନ ମନୋଜ କୁମାର ବେହେରା, ଜିଲ୍ଲାପାଳ ପାରୁଲ୍ ପଟ୍ଟାୱାରୀ ପ୍ରମୁଖଙ୍କ ସହିତ ବିଶିଷ୍ଟ ବ୍ୟକ୍ତିତ୍ୱ ମାନେ ଉପସ୍ଥିତ ଥିଲେ।



## ବାଇକ୍ ଚୋରି; ଥାନାରେ ଅଭିଯୋଗ

ବିରିଡି, ୩।୨(ସମିସ): ବିରିଡି ଥାନା ଅନ୍ତର୍ଗତ ରାଣିପଡ଼ା ଗ୍ରାମର ରଞ୍ଜନ କୁମାର ସାହୁଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ବିରିଡି ଥାନାରେ ଅଭିଯୋଗ ହୋଇଛି। ଗତ ଗୁରୁବାର ସନ୍ଧ୍ୟାରେ ରଞ୍ଜନ ନିଜର ବାଇକ୍ ଧରି ନିକଟସ୍ଥ ଶ୍ମଶାନ ପଡ଼ିଆ ପର୍ଯ୍ୟନ୍ତ ଯାଇ ସେଠାରେ ବାଇକ୍ ରଖି କିଛି ଦୂରରେ ଥିବା ବିଲରୁ ଟ୍ରାକ୍ଟର ଯୋଗେ ପାଳ ଆଣୁଥିଲେ। କାମସାରି ଫେରି ବାଇକ୍ ନପାଇ ଥାନାର ଅଭିଯୋଗ କରିଥିଲେ।

## ବାଇକ୍ ଉପରେ ଚଢିଗଲା ହାଇୱା

ପାରାଦୀପ, ୩।୨(ସମିସ): ପାରାଦୀପ ଦୋଛକି ନିକଟରେ ଶନିବାର ଅପରାହ୍ନରେ ଏକ ହାଇୱା ବାଇକ୍‌କୁ ଧକ୍କା ଦେବାପରେ ଚକା ଉପରେ ଚଢି ଯାଇଥିଲା। ମାତ୍ର ଚାଳକ ଛିଟିକି ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ବାଇକ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ପୁଲିସ ପହଞ୍ଚି ହାଇୱାଟିକୁ ଜବତ କରିଛି।

## ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର




କୁଜଙ୍ଗ, ୩।୨(ସମିସ): ଶାରଳା ମହାବିଦ୍ୟାଳୟ ରାହାମାର ଶିକ୍ଷା ବିଭାଗର ଏକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପସନ୍ଦ ଭିତ୍ତିକ ସମ୍ମାନ ବ୍ୟବସ୍ଥା ଏକ ବିହଙ୍ଗାବଲୋକନା ଶୀର୍ଷକକୁ ନେଇ ଏକ ମାର୍ମିକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟପକ ଜେନାମଣି ବିନୋଦ କୁମାର ରାୟ ଏହି ପ୍ରସଙ୍ଗରେ ବିଭାଗୀୟ ଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ହରପ୍ରିୟା ଦାଶ ସ୍ୱାଗତ ଅଭିଭାବଷଣ ରଖିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁଭାଷ ଚନ୍ଦ୍ର ନାୟକ ଏହି ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ। ପାଠଚକ୍ରରେ ପ୍ରାଧ୍ୟପକ ମନୋଜ କୁମାର ମହାନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ଆଦି ଅନେକ ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗଦେଇଥିଲେ। ବିଭାଗର ସମ୍ମାନ ନେଇ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ନିଜର ସନ୍ଦର୍ଭ ପ୍ରଦାନ କରି ଆଲୋଚନାରେ ଭାଗନେଇଥିଲେ। ଏହି କାର୍ଯକ୍ରମକୁ ଶିକ୍ଷା ପ୍ରଦର୍ଶକ ବିଭୂତି ଭୂଷଣ ପ୍ରଧାନ ଓ ନିଲୁ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ଅତିଥି ଅଧ୍ୟାପକ ପଦ୍ମିନୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶିକ୍ଷା ନିକେତନରେ ବାର୍ଷିକ ପୁରସ୍କାର ବିତରଣ

ରଘୁନାଥପୁର, ୩।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ଗ୍ରାମ ପଞ୍ଚାୟତ ରାମଚନ୍ଦ୍ରପୁର ସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନ ଓ ଚର୍ଚ୍ଚିକାଈ ସରକାରୀ ଉ.ପ୍ରା ବିଦ୍ୟାଳୟର ମିଳିତ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କମିଟିର ସଭାପତି ଇଂ. ବାବାଜୀ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନରେ ସଫଳତା ପାଇବା ପାଇଁ ଭଲ ପାଠ ପଢ଼ିବା ସହ ସୁସ୍ଥ ଶରୀର ଓ ସୁସ୍ଥ ମାନସିକତା ବିକାଶ ପାଇଁ କ୍ରୀଡା ମଧ୍ୟ ଆବଶ୍ୟକ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ଶିକ୍ଷାବିତ ଯଦୁନାଥ ଜେନା, ପରିଚାଳନା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଜେନା, ପାର୍ଥଶଖା ପାଲଟାସିଂହ, ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ଼. ସୁରେନ୍ଦ୍ରନାଥ ମହାପାତ୍ର, ଉଭୟ ବିଦ୍ୟାଳୟ ଏସ୍‌ଏମ୍‌ସିର ଚେୟାରପର୍ସନ ରଞ୍ଜିତ ନାୟକ ଓ ଦୀପାଞ୍ଜଳୀ ନାୟକ, ଚର୍ଚ୍ଚିକାଈ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯଶୋବନ୍ତୀ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ବାଳକ ବିଭାଗରେ ବଳରାମ ଦାସ, ସତ୍ୟ ସାରଥୀ ଭୋଇ, ବାଳିକା ବିଭାଗରେ ସ୍ମୃତିପ୍ରଜ୍ଞା ସ୍ୱାଇଁ, ପ୍ରଜ୍ଞାପରମିତା ସେଠୀଙ୍କ ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



# ପୁରୁଣା ନୋଟ୍ ବଦଳ ନାମରେ ଲକ୍ଷାଧିକ ଟଙ୍କା ହଡ଼ପ; ୩ ଗିରଫ

## ନଗଦ ଟଙ୍କା ସହ କାର ଓ ଅନ୍ୟାନ୍ୟ ଜିନିଷ ଜବତ

**ଅନୁଗୋଳ, ୩।୨(ସମିସ):** ଅନୁଗୋଳ ପୁଲିସ ପୁରୁଣା ନୋଟ ବଦଳରେ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଘଟଣାରେ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ନଗଦ ଟଙ୍କା ଓ କାର ଏବଂ ଅନ୍ୟାନ୍ୟ ଜିନିଷ ଜବତ କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ ମାର୍ଚ୍ଚ ୭ରେ ଜଣେ ଅଜଣା ଲୋକ ଅନୁଗୋଳ ସର୍କିଟ ହାଉସ ଛକରେ ପଦ୍ମଲୋଚନ ପ୍ରଧାନଙ୍କୁ ଭେଟିଥିଲେ। ପଦ୍ମଲୋଚନଙ୍କ ଘର ମାଟିଆସାହି ଓ ହାଟ ଛକରେ ତେଜରାତି ଦୋକାନ କରିଛନ୍ତି। ତାଙ୍କୁ ଭେଟହୋଇ ସେ କହିଥିଲା ଯେ, ତା ପାଖରେ ପୁରୁଣା ୧୦୦ ଟଙ୍କିଆ ନୋଟ ଅଛି ଓ ସେ ସେହି ନୋଟକୁ ଚେଞ୍ଜ କରିବାକୁ ଚାହୁଁଛି। ଯିଏ ତାକୁ ୫୦୦ ଟଙ୍କିଆ ନୋଟ ଦେବ ସେ ତାକୁ ଏକ ଲକ୍ଷ ୨୫ ହଜାର ଟଙ୍କା ଦେବ। ତା କଥାରେ ବିଶ୍ୱାସ କରି ଗତ ମାର୍ଚ୍ଚ ୧୦ରେ ସେହି ଅଜଣାଲୋକ ପଦ୍ମଲୋଚନ ପ୍ରଧାନଙ୍କୁ ଫୋନ କରି ବୁଢ଼ୀ ଠାକୁରାଣୀ ମନ୍ଦିର ପାଖକୁ ୨ ଲକ୍ଷ ଟଙ୍କା ଆଣି ପହଞ୍ଚିବାକୁ କହିଥିଲା ଓ ସେ ଅଢେଇ ଲକ୍ଷ ଟଙ୍କା ଆଣିଛି ବୋଲି କହିଲା। ତା କଥାନୁସାରେ ପଦ୍ମଲୋଚନ ପ୍ରଧାନ ୨ ଲକ୍ଷ ଟଙ୍କା ନେଇ ସେହି ଅଜଣା ଲୋକକୁ ଦେଇଥିଲେ ଓ ସେହି ଲୋକ ଗୋଟିଏ କଳା ହ୍ୟାଣ୍ଡବ୍ୟାଗରେ ତାଲା ପକାଇ ଟଙ୍କା ଅଛି କହିଥିଲା। ତାପରେ ସେ ଘରକୁ ଫେରି ବ୍ୟାଗ ଖୋଲି ଦେଖିବାରେ ତାହା ଖାଲି ସାଧା କାଗଜ ବଣ୍ଡଲ ଥିଲା। ଯାହାକି ଟଙ୍କା ବିଡ଼ା ପରି ଜଣାଯାଉଥିଲା। ସେହିପରି ଗତ ମାର୍ଚ୍ଚ ୧୦ରେ ତୁରଙ୍ଗ ଗ୍ରାମର ପାର୍ଥସାରଥୀ ସାହୁଙ୍କୁ ଦଶ ଲକ୍ଷ ଟଙ୍କାର ୫୦୦ଟଙ୍କିଆ ନୋଟ ଦେଲେ ସେ ୧୨ ଲକ୍ଷ ଟଙ୍କାର ୧୦୦ ଟଙ୍କିଆ ଦେବ କହି ତାକୁ ୨ ଜଣ ପୁରୁଷ ଓ ଜଣେ ମହିଳା ଜିଲ୍ଲା ପରିଷଦ ଅଫିସ ପାଖକୁ ଡାକି ତାକୁ ଗୋଟିଏ କଳା ରଙ୍ଗର ହ୍ୟାଣ୍ଡ ବ୍ୟାଗ ଦେଇ ତା ଠାରୁ ୧୦ ଲକ୍ଷ ଟଙ୍କା ନେଇ ପଳାଇଥିଲେ। ପରେ ପାର୍ଥସାରଥୀ ସାହୁ ଘରକୁ ଆସି ଦେଖିବାରେ ସେଥିରେ ମଧ ୨୦ଟି ସାଧା କାଗଜ ବଣ୍ଡଲ ପାଇଥିଲା। ଏହି ଘଟଣା ଦ୍ୱୟରେ କେସ ଦୁଇଟି ରୁଜୁ କରି ତଦନ୍ତ ଚାଲିଥିବା ବେଳେ ଗତ ତା ୨୧/୧/୨୦୨୪ରିଖରେ ତିନି ଜଣ ଲୋକ ଆସି ବିଜୁ ମଇଦାନ ପାଖରେ ଟଙ୍କା ଚେଞ୍ଜ କରିବାକୁ ଲୋକଙ୍କ ସହିତ ଯୋଗାଯୋଗ କରିବା ବେଳେ ଖବର ପାଇ ଅନୁଗୋଳ ଥାନା ପୁଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ କାର ଓ ଅନ୍ୟାନ ଜିନିଷ ଜବତ କରିଥିଲେ। ଥାନାକୁ ଆଣି ସେମାନଙ୍କୁ ପଚରାଉଚରା କରିବାରୁ ସେମାନେ ଏହି ଟଙ୍କା ବଦଳ ନାମରେ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ସ୍ୱୀକାର କରିଥିଲେ। ତେବେ ଗିରଫ ଅଭିଯୁକ୍ତମାନେ ହେଲେ ପେଣ୍ଠକଟା, ପୁରୀର ରଘୁ ଓରଫ ରଘୁନାଥ ମିଶ୍ର, (୬୫), ବୃନ୍ଦାବନ ନଗର, ଜଗତପୁରର ଦେବ ଓରଫ ଦେବେନ୍ଦ୍ର ବଳ (୩୭) ବଡିସୁଆନ, ଅନୁଗୋଳର, କିଶୋର ଚନ୍ଦ୍ର ବିଶ୍ୱାଳ(୪୦) ଏବଂ ସେମାନଙ୍କଠାରୁ ପୁଲିସ ଗୋଟିଏ ମାରୁତି କାର, ୫ ଟି ମୋବାଇଲ ଫୋନ, ମୋଟ ୩୫, ୭୪୫ ଟଙ୍କା, ଦୁଇଟି ଚଷମା, ନୂଆ ହ୍ୟାଣ୍ଡବ୍ୟାଗ ୬ ଟି, ଗୋଟିଏ ହ୍ୟାଣ୍ଡ ବ୍ୟାଗ ଯହିଁରେ ୧୨ ବଣ୍ଡଲ ସାଧା କାଗଜ ବିଡ଼ା, ପକେଟ ନୋଟ ବୁକ, ପାନ କାର୍ଡ, ଆଧାର କାର୍ଡ, ଶ୍ରମ କାର୍ଡ, ଡ଼ିଏଲ, ଆଧାର କାର୍ଡ ୩ଟି ଏଟିଏମ କାର୍ଡ ଗୋଟିଏ ଚାବି ପଛା ଓ ୪ଟି ଛୋଟ ତାଲା ଜବତ କରିଥିବା ଜଣାପଡ଼ିଛି।




# ବିଶ୍ୱ ଓଡ଼ିଆ ଭାଷା ଦିବସ ପାଳିତ




**ବଣ୍ଠରପାଳ,୩।୨(ସମିସ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା କ୍ଷ ମୁଖ୍ୟଅତିଥି ଭାବେ ତହସିଲଦାର ସୁଶାନ୍ତ ମିଶ୍ର, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ଓ ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ବିଜୟ କୁମାର ନାଥ, ଭାଷାବିତ୍ ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ କୁମାର ଦାସ, ରାଜ୍ୟ ସାଧନକର୍ମୀ ପ୍ରଦୀପ୍ତ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ କ୍ଷ ପୂର୍ବାହ୍ନ ୧୧ ଟାରେ ଅତିଥି ଓ ଉପସ୍ଥିତ ସମସ୍ତ ଶ୍ରୋତା ସମବେତ ଭାବେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ କ୍ଷ ଏହି ଅବସରରେ ଭାଷାବିତ ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ କୁମାର ଦାସ ଓ ପ୍ରଦୀପ୍ତ କୁମାର ମାଝୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଓଡ଼ିଆ ଭାଷା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଶିକ୍ଷଣୀୟ ପାଠ୍ୟପୁସ୍ତକ ଦେଇ ସମ୍ମାନିତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଢେଙ୍କାନାଳ ସଦର, ୩।୨ (ସମିସ):** ସଦର ବ୍ଲକ ଅନ୍ତର୍ଗତ ଦୁଇ ଗୋଟି ପଞ୍ଚାୟତରେ ଅବସ୍ଥିତ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମର ଭୂମିକା ସମ୍ପର୍କରେ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ କରିବା ପାଇଁ ଚାଉଳିଆ ଓ ସୋଗରପଶି ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଶ୍ରୀ ପ୍ରଫୁଲ କୁମାର ମଲ୍ଲିକ ଶୁଭ ଉଘଟନ କରିଥିଲେ ସରପଞ୍ଚ ବାବୁଲି ରାଉତ, ସୋଗରପଶି ସରପଞ୍ଚ ତପନ କୁମାର ପାତ୍ର, ସମିତି ସଭ୍ୟ ସର୍ବେଶ୍ୱର ନାଏକ, ବ୍ଲକର ଉପାଧକ୍ଷଙ୍କ କାଳନ୍ଦୀ ବାରିକ ଯୁବ ବିଜେଡି ସଭାପତି ସୁରେଶ ଚନ୍ଦ୍ର ଜେନା, ପଦିପ କୁମାର ପରିଡ଼ା ଦୁର୍ଗାଚରଣ ରାଉତ ବ୍ରହ୍ମାନନ୍ଦ ରାଉତ ଗ୍ରାମସଭାପତି ଉପସ୍ଥିତ ଥିଲେ। ବିଜୁ ସ୍ୱାସ୍ଥ୍ୟ ସେବା ଯୋଜନା, କାଳିଆ ଯୋଜନା, ମିଶନ ଶକ୍ତି ଗୋଷ୍ଠି ମହିଳାଙ୍କୁ ମମତା ଅନ୍ୟାନ୍ୟ ସହାୟତା ଯୋଗାଇ ଦେଇଥିବାରୁ ଖୁସିର ଲହରୀ ଖେଳିଯାଇଛି।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଢେଙ୍କାନାଳ ୩।୨ ( ସମିସ ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳନ ଅବସରରେ ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଗୋଷ୍ଠୀ ସଦସ୍ୟମାନେ ଓଡ଼ିଆ ସଙ୍ଗୀତ ( ବନ୍ଦେ ଉତ୍କଳ ଜନନୀ) ଗାନ କରିଥିଲେ। ତତ୍ ସହିତ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର କରିବା ପାଇଁ ଚେଷ୍ଟିତ ହେବେ ବୋଲି ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ବରିଷ୍ଠ ଓ କନିଷ୍ଠ ବର୍ଗରେ କୁଇଜ୍, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତାମାନ ଓ ସାହିତ୍ୟ ପ୍ରଦର୍ଶନୀ, ସାଂସ୍କୃତିକ ପ୍ରଦର୍ଶନୀ ଓ ସୃଜନ କଳା ପ୍ରଦର୍ଶନୀ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ସମୂହ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ମଧ ଅନୁଷ୍ଠିତ ହୋଇଥିଲା।

# ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ଢେଙ୍କାନାଳ, ୩।୨ (ସମିସ):** ଢେଙ୍କାନାଳ ସଦର ବ୍ଲକ ଉପକଣ୍ଠ ଗେଙ୍ଗୁଟିଆ ଗ୍ରାମର ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ମୁଖ୍ୟବକ୍ତା ଭାବେ ୟୁଏଲ୍ ଜେନେରାଲ ମ୍ୟାନେଜର କ୍ଷୀରୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ଦେହୁରୀ, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ମୋ ସ୍କୁଲ୍ ଅଭିଯାନ ସଭାପତି ରମେଶ ଚନ୍ଦ୍ର ରାଉତ, ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶାଙ୍କ ଶେଖର ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପୁରାତନ ଛାତ୍ର ସଂସଦର ସକ୍ରିୟ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ। ବିଦ୍ୟାଳୟର କାର୍ଯ୍ୟରତ ବିଜ୍ଞାନ ଶିକ୍ଷୟିତ୍ରୀ ଗିରିଶବାଳା ନାୟକ, ବିଜ୍ଞାନ ଶିକ୍ଷକ ବିଷ୍ଣୁ ପ୍ରକାଶ ସୁନା, ଇଂରାଜୀ ଶିକ୍ଷୟିତ୍ରୀ ଯସ୍ମିନ୍ ସେଠୀ, ସଂସ୍କୃତ ଶିକ୍ଷୟିତ୍ରୀ ସୁଚେତା ମିଶ୍ର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଳା ଶିକ୍ଷକ ଲଗ୍ନଜିତ୍ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ପରିଶେଷରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଯାଉଥିବା ବେଳେ ମହିଳା ଅଟକ

**ଢେଙ୍କାନାଳ, ୩।୨ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବଲପୁର ସଭାସ୍ଥଳକୁ ଯାଉଥିବା ବେଳେ ଜନୈକା ମହିଳାଙ୍କୁ ପୁଲିସ ଅଟକ ରଖିଥିବାର ଜଣାପଡ଼ିଛି। ଶନିବାର ଭୋରରେ ଯାଜପୁର ଅଞ୍ଚଳର ଜନୈକା ମହିଳାଙ୍କ ସହିତ କେତେକ ବ୍ୟକ୍ତି ବିଭିନ୍ନ ହତ୍ୟା ମାମଲାର ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ସଭାସ୍ଥଳକୁ ଯାଉଥିଲେ। ଏହି ଖବର ପାଇ ଢେଙ୍କାନାଳ ପୁଲିସ୍ ଗାଡ଼ିକୁ ଅଟକ ରଖି ତଦନ୍ତ ଚଳାଇଛି। ଜଗତସିଂହପୁର କୁଜଙ୍ଗର ସୁବ୍ରତ ଦାସ, ତାଙ୍କ ଭାଇ ଅମୃତ ଦାସଙ୍କ ହତ୍ୟାକାଣ୍ଡ ସହିତ ମାହାଙ୍ଗାର ଦିଲ୍ଲୀପ କୁମାର ସାହୁ, ଭାଇ ଦୀପ୍ତିକାନ୍ତ ସାହୁଙ୍କ ହତ୍ୟାକାଣ୍ଡ ଏବଂ ଗୋପାଳପୁର କ୍ଷେତ୍ରବାସୀ ସାହୁଙ୍କ ୧୬ବର୍ଷର ପୁଅ ଯୋଗେଶ୍ୱର ସାହୁ ହତ୍ୟାକାଣ୍ଡ ଭଳି ୭ଟି ଘଟଣାର ନ୍ୟାୟ ପାଇଁ କେତେକ ପରିବାର ମିଳିତ ହୋଇ ମୋଦୀଙ୍କୁ ଭେଟିବା ପାଇଁ ଯାଉଥିଲେ। ଏହି ଖବର ପାଇ ପୁଲିସ୍ ମହିଳାଙ୍କ ସମେତ କେତେକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରୁ ସେ କୁହନ୍ତି ଯେ, ଆଇନ ଶୃଙ୍ଖଳାକୁ ନେଇ ତାଙ୍କୁ ଅଟକ ରଖାଯାଇଥିଲା।



## ଭାଇର ଠେଙ୍ଗା ମାଡ଼ରେ ଭାଇ ମୃତ

**ଆଠମଲ୍ଲିକ,୩।୨(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ବାହାଳ ଗାଁରେ ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଛି। ବଡ଼ବାପା ପୁଅ ଲିଙ୍କୁନ ଦେହୁରୀ, ଭାଇ ବାବୁଲି ଦେହୁରୀ ଓ ଅନ୍ୟ କିଛି ସାଙ୍ଗ ଏକାଠି ଭୋଜି କରୁଥିଲେ। ଭୋଜି କରିବା ସମୟରେ କୌଣସି କାରଣକୁ ନେଇ ଲିଙ୍କୁନ ଓ ବାବୁଲିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସା ବେଳେ ଉତ୍ତ୍ୟକ୍ତ ହୋଇ ଲିଙ୍କୁନ ଏକ ଠେଙ୍ଗାରେ ବାବୁଲିଙ୍କୁ ଆକ୍ରମଣ କରିଥିଲେ। ଲିଙ୍କୁନଙ୍କ ଠେଙ୍ଗା ମାଡ଼ରେ ବାବୁଲି ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବାବୁଲିଙ୍କ ମୃତ୍ୟୁ ହୋଇଛି। ଖବର ପାଇ ହଣ୍ଡପା ପୁଲିସ ଆକ୍ରମଣକାରୀ ଲିଙ୍କୁନ ଦେହୁରୀକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

## ୨୧୪୫ କୋଟିର ଏମ୍‌ସିଏଲ୍ ପ୍ରକଳ୍ପ ଲୋକାର୍ପିତ

**ତାଳଚେର,୩।୨(ସମିସ):** ଓଡିଶାରେ ୨୧୪୫ କୋଟି ଟଙ୍କା ମୂଲ୍ୟର ଏମସିଏଲ ପ୍ରକଳ୍ପକୁ ସମ୍ବଲପୁର ଠାରେ ଆଜି ଭର୍ଚୁଆଲ ଭାବେ ଲୋକାର୍ପିତ ଓ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର କୋଇଲା ଖଣି କ୍ଷେତ୍ରରେ ଚାରୋଟି ପରିବର୍ତ୍ତନଶୀଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁର ସାଂସଦ ନୀତିଶ ଗଙ୍ଗଦେବ, ବିଧାୟକ ନାଉରି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପଗୁଡ଼ିକରେ ଦୁଇଟି ଫାଷ୍ଟ ମାଇଲ କନେକ୍ଟିଭିଟି (ଏଫଏମସି) ପ୍ରକଳ୍ପ ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଗୋଟିଏ ୩୩୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଅନୁଗୋଳ ଜିଲ୍ଲାର ତାଳଚେର କୋଲ ଫିଲ୍ଡସର ଭୁବନେଶ୍ୱରୀ ଫେଜ୍-୧ ବାର୍ଷିକ ୧୦ ମିଲିୟନ୍ ଟନ୍(ଏମଟିପିଏ) କ୍ଷମତା ବିଶିଷ୍ଟ ଏବଂ ଅନ୍ୟଟି ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇବ୍ ଭ୍ୟାଲି କୋଲ ଫିଲ୍ଡସ ସ୍ଥିତ ଲାଜକୁରା ଠାରେ ୧୫ ଏମଟିପିଏ କ୍ଷମତା ବିଶିଷ୍ଟ ରାପିଡ୍ ଲୋଡିଂ ସିଷ୍ଟମ୍ (ଆରଏଲ୍ଏସ୍)। ଝାରସୁଗୁଡ଼ା ଜିଲ୍ଲାରେ ମୋଟ ୫୫୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଇବ୍ ଭ୍ୟାଲିଠାରେ ବାର୍ଷିକ ୧୦ ଏମଟିପିଏ ନନ୍-କୋକିଂ କୋଇଲା ୱାଶିଂ କ୍ଷମତା ବିଶିଷ୍ଟ ୱାଶରୀ, ୮୭୮କୋଟି ଟଙ୍କା ବ୍ୟୟରେ ଶକ୍ତି ସୁରକ୍ଷା ଦିଗରେ ସ୍ଥିରତା ଅଭିଯାନର ଏକ ଅଂଶ ଭାବରେ ନିର୍ମିତ ଝାରସୁଗୁଡା-ବରପାଲି-ସରଦେଗା ରେଳ ଲାଇନ ଫେଜ୍-୧ର ୫୦ କିଲୋମିଟର ଲମ୍ବ ଦ୍ୱିତୀୟ ଟ୍ରାକ୍‌କୁ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି।



# ଗୋଟିଏ ଗୋଡ଼ରେ ବଞ୍ଚିବାକୁ ଅଭୟଙ୍କ ସଂଘର୍ଷ

## ଅନ୍ତୋଦୟ ଯୋଜନାରେ ସାମିଲ୍ ଲାଗି ନିବେଦନ

**ମାର୍ଥାପୁର, ୩।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ହରିଜନ ସାହିର ଅଭୟ ମଳିକ (୩୭) ଭିନ୍ନକ୍ଷମଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ୍ କରିବା ପାଇଁ ନିବେଦନ କରାଯାଇଛି। ଅଭୟ ୨ ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଗୋଡ଼ ହରାଇଛନ୍ତି। ଗୋଟେ ଗୋଡ଼ ହରାଇବା ପରେ ବର୍ଷେ ହେବ ସରକାରଙ୍କ ତରଫରୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ଅଭୟଙ୍କ ଡାହାଣ ପଟ ଗୋଡ଼ ନଥିବାରୁ ଚଳାବୁଲା ଦୂରର କଥା ପାଦେ ଘୁଞ୍ଚିବା ପାଇଁ ମଧ ଅନ୍ୟମାନଙ୍କ ଉପରେ ନିର୍ଭର କରିଥାନ୍ତି। ଅଭୟଙ୍କ ପରିବାର କହିଲେ ପତ୍ନୀ ଲକ୍ଷ୍ମୀ ମଳିକ (୩୦)। ଗୋଟିଏ ବୋଲି ଝିଅ ଆଠ ବର୍ଷର। ଡ୍ରାଇଭର୍ ଭାବେ କାର୍ଯ୍ୟ କରି ନିଜ ପରିବାର ଚଳାଉଥିଲେ, ଦୁର୍ଘଟଣାର ଶିକାର ହୋଇ ଗୋଟିଏ ଗୋଡ ନଷ୍ଟ ହୋଇଛି। ଏକ ମାତ୍ର ରୋଜଗାରିଆ ପୁଅ ଥିବାରୁ ପରିବାର ଏବେ ଅସହାୟ ପଡ଼ିଛି ଓ ସରକାରୀ ଅନୁଦାନ ଭାବେ ମାସକୁ ୭୦୦ ଟଙ୍କା ଭତ୍ତା, ରାସନ ଚାଉଳ ମିଳୁଛି। ଏତିକିରେ ମାସସାରା ଚଳିବା କଷ୍ଟ ହେଉଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭୟଙ୍କ ବାପା ଭୁବନା ମଳିକ ମଧ କିଡନୀ ରୋଗରେ ଆକ୍ରାନ୍ତ ଅଛନ୍ତି। ପରିବାର କେହିଜଣେ ବି ରୋଜଗାରିଆ ନଥିବାରୁ ପାଞ୍ଚ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର ହୋଇପଡୁଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଅଭୟ ପରିବାରକୁ ଅନ୍ତୋଦୟ ଯୋଜନାରେ ସାମିଲ୍ କରିବା ପାଇଁ ନିବେଦନ କରାଯାଇଛି।

## ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ମିଳନୀ

**ଛେଣ୍ଡିପଦା,୩।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ସମ୍ମାନିତ ଅତିଥି ଭାବେ ବାପୁଜୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଲୋକନାଥ ସାହୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣର ପ୍ରଶିକ୍ଷକ ଲକ୍ଷ୍ମଣ ସାହୁ ପ୍ରମୁଖ ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ନିର୍ଦ୍ଧାରିତ ସମୟରେ ସମସ୍ତ ଅତିଥି ବୃନ୍ଦ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି 'ବନ୍ଦେ ଉତ୍କଳ ଜନନୀ' ଗୀତ ଗାନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ କ୍ଷ କାର୍ଯ୍ୟକ୍ରମ ପରିଶେଷରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

